# Akashvani, Sambalpur

## SAMBALPURI NEWS EVENING BULLETIN

## 13 August 2024- 7.02 pm- 7.12 pm.

*****************************************

୧- ଭୁବନେଶ୍ୱର୍-ପୁରୀ ରାସ୍ତା ୬ ଥାକିଆ ଆଉ କେସିଙ୍ଗା-ଜୁନାଗଡ଼୍ ଜାତୀୟ ରାଜପଥ ହେବା ୪ ଥାକିଆ- ମୁଖ୍ୟମନ୍ତ୍ରୀ ଦେଲେ ସୂଚ୍ନା ।

୨- ରାଏଜେ ଜାତୀୟ ଶିକ୍ଷାନୀତି -୨୦୨୦ ଲାଗୁ କର୍ବାର୍ ବାବ୍ଦେ କୁଳପତି ଆଉ କଲେଜ୍ ଅଧ୍ୟକ୍ଷ ମାନ୍କର୍ ସାଙ୍ଗେ ଆଲୋଚନା କଲେ ଉଚ୍ଚଶିକ୍ଷାମନ୍ତ୍ରୀ ।

୩- ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ୍ ଆଇନ୍‌ଥି ଦର୍କାରୀ ପରିବର୍ତ୍ତନ୍ କର୍ବାର୍‌କେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

୪- ରାଏଜେ ଖୋବ୍ ଜଲ୍ଦି ଲାଗୁ ହେବା ସୁଭଦ୍ରା ଯୋଜ୍ନା- କହେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଆଉର୍

୫- ବର୍‌ଗଡ଼୍ ଧନୁଯାତ୍ରାର୍ କଂସ ଚରିତ୍ରଥି ୨୩ ବଛର୍ ଅଭିନୟ କରିଥିବା ଅଭିନେତା ଗୋପାଳ ସାହୁଙ୍କର୍ ପରଲୋକ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍-ପୁରୀ ରାସ୍ତା ୬ ଲେନ୍ ବିଶିଷ୍ଟ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ନୂଆଦିଲ୍ଲୀଠାନେ କେନ୍ଦ୍ର ସଡ଼କ ପରିବହନ୍ ଆଉ ଜାତୀୟ ରାଜପଥ ମନ୍ତ୍ରୀ ନିତିନ୍ ଗଡ଼୍କରୀଙ୍କର୍ ସହେତେ ଆଏଜ୍ ଗୁଟେ ବୈଠକ୍ ଉତ୍ରୁ ମୁଖ୍ୟମନ୍ତ୍ରୀ ଇ ବିଷେ ସୂଚ୍ନା ଦେଇଛନ୍ । ହେନ୍ତା କେସିଙ୍ଗା-ଜୁନାଗଡ଼୍ ୨୬ ନମ୍ବର୍ ଜାତୀୟ ରାଜପଥ ୪ ଥାକିଆ ରାସ୍ତା ଲାଗି ୧ ହଜାର୍ କୋଟି ଟଙ୍କା ଖର୍ଚ୍ଚା ହେବା । ବଡ଼୍ବିଲ୍-ଚଣ୍ଡିଖୋଲ୍ ରାସ୍ତା ୮ ଥାକିଆ କରାଯିବା । ସେନ୍ତା ଖୋର୍ଦ୍ଧା-ନୟାଗଡ଼୍ ୪ ଲେନ୍ ରାସ୍ତା ସହେତେ ସର୍ଭିସ୍ ରୋଡ଼୍ ଲାଗି ୧୧ ଶହ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଜାତୀୟ ଶିକ୍ଷାନୀତି - ରାଜ୍ୟ ସର୍କାର୍ ଆର୍ଏନ୍ୟୁ/

ରାଏଜେ ଜାତୀୟ ଶିକ୍ଷାନୀତି - ୨୦୨୦ ପ୍ରଣୟନ୍ ଉଚ୍ଚଶିକ୍ଷା କ୍ଷେତ୍ର ନ ବିପ୍ଲବ୍ ଆନ୍ବା ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଆଏଜ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ଉଚ୍ଚଶିକ୍ଷା କ୍ଷେତ୍ରର୍ ସ୍ନାତକ୍ ସ୍ତର୍ଥି ଜାତୀୟ ଶିକ୍ଷାନୀତି ପ୍ରଣୟନ୍ କର୍ବାର୍ ବାବ୍ଦେ ହେଇଥିବା ଆଲୋଚନାଚକ୍ରୁଥି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ ଯେ, ୧୯୩୬

ମସିହାନୁ ଓଡ଼ିଶା ଗୁଟେ ଭାଷାଭିତିକ ପ୍ରଦେଶ୍‌ର ମାନ୍ୟତା ପାଇଥିଲା । ୨୦୩୬ ମସିହାତକ୍ ଓଡ଼ିଶାର୍ ସାମାଜିକ ଆଉ ଅର୍ଥନୈତିକ୍ ବିକାଶ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲକ୍ଷ୍ୟ ରଖିଛନ୍ । ଇତାକେ ସାକାର୍ କର୍‌ବାର୍ ଲାଗି ଜାତୀୟ ଶିକ୍ଷାନୀତି ପ୍ରଣୟନ୍ ହେବାର୍ ଜରୁରୀ ବଲି ଉଚ୍ଚଶିକ୍ଷାମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍‌ର ଯୁଗ୍ମ ସଚିବ ଏନ୍.ଗୋପୁ କୁମାର୍ ବିଭାଗ୍‌ର କମିଶନର୍ ଆର୍ ସଚିବ ଅରବିନ୍ଦ ଅଗ୍ରୱାଲ୍‌ଙ୍କର୍ ସହେତେ ସବୁ ବିଶ୍ୱବିଦ୍ୟାଳୟର୍ କୁଳପତି ଆଉ କଲେଜ୍ ଅଧ୍ୟକ୍ଷ ମାନେ ସାମିଲ୍ ହେଇଥିଲେ ।

ବିଶ୍ୱବିଦ୍ୟାଳୟ ସଂଶୋଧନ୍ ଆଇନ୍ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ୍ ଆଇନ୍-୨୦୨୦ ଥି ଥିବା ଅସଂଗତି ମାନ୍‌କୁ ଆଇନ୍ ଆଉ ନିୟାମକ୍ ଅନ୍‌ସାରେ ବଦ୍‌ଲାବାର୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପରାମର୍ଶ ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଇ ବାବ୍‌ଦେ ଗୁଟେ ଚିଠି ଜରିଏ ସେ ଅନୁରୋଧ୍ କରିକରି କହିଛନ୍ ଯେ, ଓଡ଼ିଶା ନ ଶିକ୍ଷାର୍ ସର୍ବୋଚ୍ଚ ମାନଦଣ୍ଡକେ ବଜାୟ ରଖିବାର୍ ଲାଗି ଏନ୍ତା ସଂଶୋଧନ୍‌ର ଗୁରୁତ୍ୱ ରହିଛେ । ସେ ସମିଆର୍ ରାଜ୍ୟ ସର୍‌କାର୍ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ୍ ଆଇନ୍ କରିଥିଲେ, ଯେନ୍‌ଟାକି

ବିଶ୍ୱବିଦ୍ୟାଲୟ ଅନୁଦାନ୍ ଆୟୋଗ୍ ନିୟମ୍‌ର ପରିପନ୍ଥୀ ଆଏ । ହେଥିର୍‌ଲାଗି ଶିକ୍ଷାବିତ୍ ଆଉ ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ବିଶ୍ୱସନୀୟତାକେ ବଜାୟ ରଖିବାର୍ ଲାଗି ସଂଶୋଧିତ୍ ଆଇନ୍‌ର ଫେର୍‌ଘାଏ ବିଚାର୍ କର୍‌ବାର୍ ଦର୍‌କାର୍ ରହିଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ତାକର୍ ଚିଠିଥି ଲେଖିଛନ୍ ।

ହର୍‌ଘର୍ ତିରଙ୍ଗା

ନୂଆପଡ଼ା/ ସମ୍ବଲପୁର/ ବୌଦ୍ଧ/ ବର୍‌ଗଡ଼/

ଦେବ୍‌ଗଡ଼/ ସମ୍ବଲପୁର/ କଲାହାଣ୍ଡି

୭୮ ନମ୍ବର୍ ସ୍ୱାଧୀନତା ଦିବସ୍ ପାଲନ୍‌ର ଆଗ୍‌ରୁ ଗଲା ୯ ତାରିଖ୍‌ନୁ ସାରା ଦେଶେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍‌ଥି ମୁଲ୍ ହେଇଥିବା ହର୍ ଘର୍ ତିରଙ୍ଗା ଅଭିଯାନ୍‌ଥି ଦେଶ୍‌ବାସୀ ସାମିଲ୍ ହେଇଛନ୍ । ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍ ଆଏଜ୍ ସଖାଲେ ଇ ଅଭିଯାନ୍‌ଥି ହେଇଥିବା ବାଇକ୍ ରେଲିକେ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍‌ନୁ ଶୁଭାରମ୍ଭ କରିଥିଲେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହର୍‌ଘର୍ ତିରଙ୍ଗା ଅଭିଯାନ୍‌ଥି କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ ।

ସମ୍ବଲପୁର୍ ଠାନେ ଡାକମଣ୍ଡଲ୍ ତର୍‌ଫୁ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ କରାଯାଇଥିଲା । ଇଥି ଡାକ ଅଧିକାରୀ ଆର୍ କର୍ମଚାରୀମାନେ ମହାଡାକପାଲ୍ ଅଫିସ୍‌ନୁ ସମଲେଶ୍ୱରୀ ମନ୍ଦିର୍‌ତକ୍ ପଦଯାତ୍ରା କରିଥିଲେ ।

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ବିଜ୍ଞାପିତ ଅଂଚଲ୍ ପରିଷଦ୍ ତର୍ଫୁ ହର୍ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ଅନୁଷ୍ଠିତ୍ ହେଇଯାଇଛେ । ସମଲେଶ୍ୱରୀ ମନ୍ଦିର୍ ପରିସର୍‌ନୁ ଗୁଟେ ତିରଙ୍ଗା ଶୋଭାଯାତ୍ରା ଖଡ଼ିଆଲ୍ ସହର୍‌ର ଭିନ୍ ଭିନ୍ ଠାନ୍ ବୁଲିଥିଲା ।

ଜାତୀୟତାର୍ ପ୍ରତୀକ୍ ତ୍ରିରଙ୍ଗା ପତାକାର୍ ସମ୍ମାନ୍‌କେ ନେଇକରି ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ୧ ହଜାର୍ ଛାତ୍ରଛାତ୍ରୀଙ୍କୁ ନେଇକରି ତିରଙ୍ଗା ପ୍ରଦର୍ଶନ୍ କରାଯାଇଥିଲା । ଇତାର୍ ଉତ୍‌ରୁ ରାମେଶ୍ୱର୍ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଗୁଟେ ସଭାଥି ଅତିରିକ୍ତ ଜିଲ୍ଲାପାଳ୍ ରାଜେନ୍ଦ୍ର ମାଝୀ ଉଦ୍‌ବୋଧନ୍ ଦେଇଥିଲେ ।

ବୌଦ୍ଧ ଜିଲ୍ଲା ସଦର୍ ମହକୁମା ନ ବୌଦ୍ଧ ପଂଚାୟତ୍ ସମିତି ତର୍ଫୁ ଗୁଟେ ତିରଙ୍ଗା ଶୋଭାଯାତ୍ରାଥି ସାଧାରଣ୍ ଲୋକ୍ ଆର୍ ଛାତ୍ରଛାତ୍ରୀ ସାମିଲ୍ ହେଇଥିଲେ ।

ବର୍‌ଗଡ଼୍ ଠାନେ ହେଇଥିବା ତିରଙ୍ଗା ଶୋଭାଯାତ୍ରା ଗାନ୍ଧୀଛକ୍‌ଠାନୁ ବାହାରିକରି ସହର୍ ବୁଲ୍‌ଲା ଉତ୍‌ରୁ ବୀର ସୁରେନ୍ଦ୍ର ସାଏ ଛକ୍‌ଠାନେ ପୁହୁଁଚିଥିଲା । ଇ ଅବ୍‌ସରେ କରାଯାଇଥିବାର୍ କେନ୍‌ଭାସ୍‌ଥି ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ଜିଲ୍ଲାପାଳ୍ ଆଦିତ୍ୟ ଗୋୟଲ୍, ଏସ୍.ପି. ପ୍ରହଲ୍ଲାଦ୍ ସହାୟ ମୀନା, ଜିଲ୍ଲାପରିଷଦ୍ ଅଧ୍ୟକ୍ଷା ମାନିନୀ ଭୋଇ ଆଉ ଅଲ୍‌ଗା ସିଆନ୍ ସୁଜନ୍‌ମାନେ ନିଜର୍ ନିଜର୍ ବାର୍ତା ଦେଇଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍‌ଠାନୁ ଗୁଟେ ତିରଙ୍ଗା ଶୋଭାଯାତ୍ରା ବାହାର୍

କରାଯାଇଥିଲା । ତିରଙ୍ଗା ଧରିକରି ଛାତ୍ରଛାତ୍ରୀ ସର୍କାରୀ ଅଧିକାରୀ ଆଉ ସ୍ୱେଚ୍ଛାସେବୀମାନେ ପଦଯାତ୍ରା କରିଥିଲେ । ପଛେ ଷ୍ଟାଡ଼ିୟମ୍ଠାନେ ଦସ୍ତଖତ୍ ଅଭିଯାନ୍ ଆର୍ ସେଲ୍ଫି ପଏଂଟ୍ଥି ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ ।

ବଲାଙ୍ଗିର୍ ଜିଲ୍ଲା ସଦର୍ ମହକୁମା ଠାନେ ହେଇଥିବା ତିରଙ୍ଗା ଶୋଭାଯାତ୍ରା କୌଶଲ୍ କଲାମଣ୍ଡପ୍ ପଡ଼ିଆନୁ ବାହାରିକରି ଭାଗିରଥୀ ଛକ୍‌ତକ୍ ନ ପୁହୁଁଚିଥିଲା ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାଠାନେ ହେଇଥିବା କାର୍ଯ୍ୟକ୍ରମ୍ଥି ବହୁତ୍ ବିଶିଷ୍ଟ ବ୍ୟକ୍ତି ସାମିଲ୍ ହେଇକରି ତିରଙ୍ଗାର୍ ମହନୀୟତା ବାବ୍‌ଦେ ଉଦ୍‌ବୋଧନ୍ ଦେଇଥିଲେ । ଅଭିଯାନ୍‌କେ ସଫଲ୍ କର୍‌ବାର୍ ଲାଗି ଜାତୀୟ ପତାକା ସହେତେ ଫଟୋ ଉଠେଇକରି ହର୍‌ଘର୍ ତିରଙ୍ଗା ୱେବ୍‌ସାଇଟ୍ ନ ଅପ୍‌ଲୋଡ଼୍ କର୍‌ବାର୍ ଲାଗି ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ସୁଭଦ୍ରା ଯୋଜ୍‌ନା          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଖୋବ୍ ଜଲ୍‌ଦି ସୁଭଦ୍ରା ଯୋଜ୍‌ନା ଲାଗୁ ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ । ସେ କହିଛନ୍ ଯେ, ଇ ଯୋଜ୍‌ନାର୍ ମାର୍ଗଦର୍ଶିକା ତିଆର୍ ହେଇସାରିଛେ । ହେଲେ ଇଥିର୍‌ଲାଗି ସାଧାରଣ୍ ଲୁକ୍‌କର୍‌ନୁ ମତାମତ୍

ଲୋଡ଼ାଯାଉଛେ । ଆଏବାକାଏଲ୍‌ତକ୍  ଜିଲ୍ଲାପାଲ୍‌ମାନେ ତାଙ୍କର୍ ରିପୋର୍ଟ ଦେବାର୍ ଉତ୍‌ରୁ ମତାମତ୍ ଆଧାର୍‌ଥି ମାର୍ଗଦର୍ଶିକାର୍ ଦର୍‌କାରୀ ସଂଶୋଧନ୍ କରାଯିବା ଆଉ ଇତାକେ ସାର୍ବଜନୀନ କରାଯିବା ବଲି ସେ କହିଛନ୍ । ଶ୍ରୀମତୀ ପରିଡ଼ା କହିଛନ୍ ଯେ,
(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା)

ଆଡ଼ପ ମଣ୍ଡପ ତଦନ୍ତ୍           ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀକ୍ଷେତ୍ର ନ ଶ୍ରୀଜୀଉଙ୍କର୍ ଆଡ଼ପ ମଣ୍ଡପ ପହଣ୍ଡି ବିଜେ ସମିଆଥି ରଥ ଉପ୍‌ରେ ହେଇଥିବା ଅଘଟନ୍‌ର ତଦନ୍ତ୍ ମୁଲ୍ ହେଇଛେ । ଶ୍ରୀବଲଭଦ୍ରଙ୍କର୍ ବାଡ଼ଗ୍ରାହୀଙ୍କୁ ଗଲାକାଏଲ୍ ୩ ଝନିଆ ତଦନ୍ତ କମିଟି ପଚ୍‌ରାଉଚ୍‌ରା କରିଛନ୍ । ଅତିରିକ୍ତ ଜିଲ୍ଲାପାଲ୍ ଶ୍ରୀମନ୍ଦିର୍‌ର ନୀତି ପ୍ରଶାସକ ଆଉ ପୁରୀ ସଦର୍ ଉପ ଆରକ୍ଷୀ ଅଧିକ୍ଷକଙ୍କୁ ନେଇକରି ଗଠନ୍ କରାଯାଇଥିବା ଇ କମିଟି ଦର୍‌କାର୍ ପଡ଼୍‌ଲେ ଅଲ୍‌ଗାମାନ୍‌କୁ ପଚ୍‌ରାଉଚ୍‌ରା କର୍‌ବା । ତଦନ୍ତ୍ ରିପୋର୍ଟକେ ଶ୍ରୀମନ୍ଦିର୍ ପରିଚାଳନା କମିଟିକେ ଦିଆଯିବା ବଲି ଜନାପଡ଼ିଛେ ।

ଭାଙ୍ଗ୍ ହେଲା ନିଶା ଦରବ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଅବକାରୀ ବିଭାଗ୍ ତର୍ଫୁ ଭାଙ୍ଗ୍‌କେ ନିଶା ଦରବ୍ ଭାବେ ଘୋଷ୍‌ନା କରାଯାଇଛେ । ଗଞ୍ଜେଇ ଗଛର୍ ପତର୍‌ନୁ ଭାଙ୍ଗ୍ ତିଆର୍ ହେସି । ଇଟା ଖାଏଲେ ଭାବ୍‌ନା ଆଉ ବୁଦ୍ଧିଥି ଅସଂଗତି ସହେତେ ଉତେଜନା ସୃଷ୍ଟି କର୍‌ସି । ହେଥିର୍‌ଲାଗି ଭାଙ୍ଗ୍‌କେ ନିଶା ଦରବ୍ ଭାବେ ଘୋଷ୍‌ନା କରାଯାଇଛେ ବଲି ବିଭାଗ୍‌ର ଗୁଟେ ବିଜ୍ଞପ୍ତିନୁ ଜନାପଡ଼ିଛେ ।

ନୂଆଦିଲ୍ଲୀ ସ୍ୱାଧୀନତା ଦିବସ୍ ପେରେଡ୍   ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀର୍ ଲାଲ୍‌କିଲ୍ଲା ଠାନେ ହେବାର୍‌କେ ଥିବା ସ୍ୱାଧୀନତା ଦିବସ୍ ସମାରୋହଥି ସାମିଲ୍ ହେବାର୍ ଲାଗି ଓଡ଼ିଶାର୍ ୫ ଝନ୍ ମହିଲା କର୍ମଚାରୀ ଆର୍ ଅଧିକାରୀଙ୍କୁ ନିମନ୍ତ୍ରଣ୍ କରାଯାଇଛେ । ଇମାନ୍‌କର୍ ଭିତ୍‌ରେ ୩ ଝନ୍ ଅଙ୍ଗନବାଡ଼ି କର୍ମୀ ରହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସ୍ ସମାରୋହ ନ ଜାତି ଉଦ୍ଦେଶ୍ୟଥି ଭାଷଣ୍ ଦେବାର୍ ସମିଆଥି ସାମିଲ୍ ହେବାର୍‌କେ ଇ କର୍ମଚାରୀ ଆର୍ ଅଧିକାରୀମାନ୍‌କୁ ରାଜ୍ୟ ମହିଲା ଆଉ ଶିଶୁ କଲ୍ୟାଣ୍ ବିଭାଗ୍ ସୁପାରିଶ୍ କରିଥିଲେ । ଇ ମାନ୍‌କର୍ ଭିତ୍‌ରେ ସମ୍ବଲପୁର୍ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସ୍ୱପ୍ନାଦ୍ୱୀପ୍ ପଟ୍ଟନାୟକ୍ ରହିଥିବାର୍ ଜନାପଡ଼ିଛେ ।

ବିଶ୍ୱ ଅଙ୍ଗଦାନ୍ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ବିଶ୍ୱ ଅଙ୍ଗଦାନ୍ ଦିବସ୍ । ଇଥରର୍ ଇ ଦିବସ୍‌ର ବିଷେ ରହିଛେ 'କାହାରିର୍ ହସିର୍ ଲାଗି ଆଏଜ୍ ନିଜେ ସହାୟକ ହୁଅ' । ଇହାଦେତକ୍ ରାଏଜେ ୧୭ ଟା ଅଙ୍ଗଦାନ୍ ହେଇଛେ । ଇହାଦେ ସର୍‌କାରୀ ହସ୍‌ପିଟାଲ୍ ନ ଚିକିତ୍ସିତ୍ ହେଉଥିବା ବ୍ରେନ୍ ଡେଡ୍ ରୋଗୀ ମାନ୍‌କର୍ ଅଙ୍ଗଦାନ୍ ଉପ୍‌ରେ ଜୋର୍ ଦିଆଯାଉଛେ । ଇଥି ବହୁତ୍ ମୂଲ୍ୟବାନ୍ ଜୀବନ୍ ବଂଚାଯାଇପାର୍‌ବା ।

ଧନୁଯାତ୍ରା- କଂସ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଧନୁଯାତ୍ରାର୍ ନାଁକରା କଲାକାର୍ ଗୋପାଳ ସାହୁ-ଏଲିଙ୍କର୍ ଆଏଜ୍ ଝାର୍‌ସୁଗୁଡ଼ାର୍ ଗୁଟେ ଡାକ୍ତର୍‌ଖାନାଥି ଚିକିତ୍ସାଧୀନ ଅବସ୍ଥା ନ ପରଲୋକ ହେଇଯାଇଛେ । ତାଙ୍କୁ ୭୦ ବରସ୍ ବୟସ୍ ହେଇଥିଲା । ଧନୁଯାତ୍ରା ନ ୨୩ ବରସ୍ ଧରିକରି ସେ କଂସ ଭୂମିକାଥି ଅଭିନୟ କରିକରି ପ୍ରଶଂସା ଠୁଲେଇଥିଲେ । ଇତାର୍‌ସହେତେ ସେ କେତେଟା ସିନ୍‌ମାଥି ଭିଲ୍ ଅଭିନୟ କରିଥିଲେ । ଇତାର୍‌ଭିତ୍‌ରେ ସମ୍ବଲପୁରୀ ଚଳଚ୍ଚିତ୍ର ଭୂଖା ଆର୍ ଶଲାବୁଢ଼ା ରହିଛେ । ତାଙ୍କର୍ ବିୟୋଗ୍‌ଥି ଭିନ୍ ଭିନ୍ ମହଲ୍ ନ ଶୋକ ପ୍ରକାଶ୍ ପାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍

ଜରିଏ ଗୋପାଲ ସାହୁଙ୍କର୍ ବିୟୋଗ୍ଥି ଗହୀର୍ ଶୋକପ୍ରକାଶ୍ କର୍ବାର୍ ସହେତେ ଦିବଙ୍ଗତ୍ ଆତ୍ମାର୍ ସଦ୍ଗତି ଆଉ ଶୋକସନ୍ତପ୍ତ ପରିବାର୍କେ ସମବେଦନା ଜନେଇଛନ୍ ।

ଅମୃତ୍ ମହୋତ୍ସବ୍-ସିଆର୍ପିଏଫ୍ ସମ୍ବଲପୁର୍ ସମ୍ବାଦଦାତା

ଆଜାଦୀ କା ଅମୃତ୍ ମହୋତ୍ସବ୍ ଅବ୍ସରେ ସିଆର୍ପିଏଫ୍ର ସମ୍ବଲ୍ପୁର୍ ଗ୍ରୁପ୍ ସେଂଟର୍ ଠାନେ ଆଏଜ୍ ଗୁଟେ ବାଇକ୍ ରେଲି କରାଯାଇଥିଲା । ଇଥି ଶହେ ନୁ ଅଏତ୍କା ଅଧିକାରୀ ଆର୍ କର୍ମଚାରୀ ବାଇକ୍ ମାନ୍କେ ସାମିଲ୍ ହେଇଥିଲେ । ସ୍ୱାଧୀନତା ସଂଗ୍ରାମ୍ର ମହାନତାକେ ସମ୍ମାନ୍ ଦେବାର୍ ଲାଗି ହେଇଥିବା ଇ କାର୍ଯ୍ୟକ୍ରମ୍କେ ଡିଆଇଜି ସଞ୍ଜୟ କୁମାର୍ ସିଂ ଉଦ୍ଘାଟନ୍ କରିଥିଲେ । ଆଏବା କାଏଲ୍ ଆର୍ ପର୍ଦିନ ସିଆର୍ପିଏଫ୍ ଗ୍ରୁପ୍ ସେଂଟର୍ ଠାନୁ ଗୁଟେ ତ୍ରିରଙ୍ଗା ଯାତ୍ରା ବାହାର୍ କରାଯିବା ବଲି କୁହାଯାଇଛେ ।

ଆଇନ୍ ଶିବିର ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା କଂଟାମାଲ୍ କୋର୍ଟ ପରିସର ନ ଆଇନ୍ ସେବା ସମିତି ତରଫୁ ଗୁଟେ ସଚେତନତା ଶିବିର କରାଯାଇଥିଲା ।

ଇନ ବକ୍ତାମାନେ କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ବୁଝେଇଥିଲେ । ଅତିରିକ୍ତ ଜିଲ୍ଲା ଆଉ ଦୌରା ଜଜ୍ ଅଜୟ କୁମାର୍ ପ୍ରଧାନ୍ ନିଃଶୁଳ୍କ ଆଇନ୍‌ସେବା ବାବ୍‌ଦେ ଶିବିର୍ ନ ଆଲୋଚନା କରିଥିଲେ ।

ପାଣିପାଗ / ହୀରାକୁଦ୍ ଜଲ୍‌ଭଣ୍ଡାର୍   ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ଗୁରୁବାର୍‌ତକ୍ ୭ ଟା ଜିଲ୍ଲା ନ ଜବର୍ ବର୍ଷା ହେବାର୍ ଅନୁମାନ୍ ଥିବାର୍‌ନୁ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତର୍କ ସୂଚ୍‌ନା ଜାରି କରିଛନ୍ । ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଘୂର୍ଣ୍ଣିବଲୟର୍ ବଲେ ଆଏଜ୍ ବିଜ୍‌ଲି ମାର୍‌ବାର୍ ସହେତେ ବର୍ଷା ହେବା । ଆଏବା କାଏଲ୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍, ଅନୁଗୁଲ୍ ବାଗିର୍ ଜିଲ୍ଲାମାନ୍‌କେ ୭ ନୁ ୧୧ ସେଂଟିମିଟର୍ ବର୍ଷା ହେବାର୍ ଅନୁମାନ୍ ଥିବାର୍‌ନୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌କେ ଜଳପ୍ରବାହ କମ୍‌ବାର୍‌ନୁ ଆଗ୍‌ରୁ ଖୁଲାଯାଇଥିବା ଡେମ୍‌ର ସବୁ ସ୍ଲୁଇସ୍ ଗେଟ୍‌କେ ଆଏଜ୍ ବନ୍ଦ୍ କରି ଦିଆଯାଇଛେ । ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ଉପର୍‌ବେଲା ୬ ଶହ ୧୩ ଦଶ୍‌ମିକ୍ ୯/୧ ଫୁଟ୍ ରହିଥିଲା ।